ମଙ୍ଗଳା ଗିରି

ବନାମ

ଆଞ୍ଚଳିକ ପ୍ରଶାସନିକ ସମିତି

ବାରାଣସୀ ଏବଂ ଅନ୍ୟଜଣେ

ଅକ୍ଟୋବର 11,1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ଚାକିରିରୁ ଅପସାରଣ— କର୍ମଚାରୀଙ୍କ ନିୟନ୍ତ୍ରଣରେ ଥିବା ସାମଗ୍ରୀର ଅଭାବ ପାଇଁ ତାଙ୍କ ଉପରେ ଅଭିଯୋଗ— କ୍ଷତି ଭରଣା ପାଇଁ ସୁଯୋଗ ଦିଆଯାଇଥିଲା କିନ୍ତୁ ସେ ଟଙ୍କା ଜମା କରିନଥିଲେ— ଚାକିରିରୁ ଅପସାରଣ ଆଦେଶ ପାରିତ ହୋଇଥିଲା— କୌଣସି କାରଣ ଦିଆଯାଇନଥିଲା— ସମିତି ସମ୍ମୁଖରେ ଅପିଲ ଏବଂ ରିଟ୍ ଆବେଦନ ଖାରଜ ହୋଇଥିଲା– ଅପିଲରେ ଦର୍ଶାଯାଇଛି: ଏହା ବିଶ୍ୱାସ କରିବା ବହୁତ କଷ୍ଟକର ଯେ, ତାଙ୍କ ଅନୁପସ୍ଥିତିରେ ଲକରଟି ଖୋଲାଯାଇଥିଲା ଏବଂ ସେ ଯେତେବେଳେ ଚିକିତ୍ସା କାରଣରୁ ଛୁଟିରେ ଥିଲେ ସେତେବେଳେ କେହି ଜଣେ ଏହି ଟଙ୍କା ନେଇଯାଇଥିଲେ –ଉଚ୍ଚ ନ୍ୟାୟାଳୟଙ୍କ ଆଦେଶରେ କୌଣସି ବେଆଇନତା ନାହିଁ ଯାହା ହସ୍ତକ୍ଷେପ ଆବଶ୍ୟକ କରେ ।*

ଦେୱାନୀ ଅପିଲ ଅଧିକାରିତା : ସ୍ୱତନ୍ତ୍ର ଅନୁମତି ଆବେଦନ (ସି) ସଂଖ୍ୟା 21230/1996 ।

ଡବ୍ଲ୍ୟୁ.ପି.ସଂଖ୍ୟା 31643/ 1990 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କର 17.4.96 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ତରଫରୁ ୱାଇ ପି. ଶର୍ମା ଏବଂ ଦେବାଶିଷ ମିଶ୍ର ।

ନ୍ୟାୟାଳୟ ନିମ୍ନଲିଖିତ ଆଦେଶ ପ୍ରଦାନ କରିଥିଲେ:

ବିଳମ୍ବକୁ କ୍ଷମା କରିଦିଆଯାଇଛି ।

ଆବେଦନକାରୀଙ୍କ ବିରୋଧରେ ଅଭିଯୋଗ ହେଉଛି ଯେ, 1981-82 ପାଇଁ ସ୍ୱତନ୍ତ୍ର ସମୀକ୍ଷା ଅନୁଯାୟୀ, ସେ ସାଧାରଣ ବିତରଣ ବ୍ୟବସ୍ଥାରେ 18,970.85/- ଟଙ୍କା ନଗଦ ଏବଂ ପରିବହନ କାର୍ଯ୍ୟକ୍ରମ ଅଧୀନରେ 20,789.50/- ଟଙ୍କାର ରାଶି ଅବମୂଲ୍ୟାୟନ କରିଥିଲେ ଏବଂ 1540/- ଟଙ୍କା ମୂଲ୍ୟର ଚାରି କ୍ୱିଣ୍ଟାଲ୍ ପରିମାଣର ଚିନି ଏବଂ 308/- ଟଙ୍କା ମୂଲ୍ୟ 80 କିଲୋଗ୍ରାମ ପରିମାଣର ଚିନି ନିଅଣ୍ଟ ଥିବା ଦର୍ଶାଇଥିଲେ ଏବଂ 1982-83 ର ସ୍ୱତନ୍ତ୍ର ସମୀକ୍ଷା ବିବୃତ ଅନୁଯାୟୀ, 23,746.00/- ଟଙ୍କାର ଅତିରିକ୍ତ ନିଅଣ୍ଟ ଦେଖାଇଥିଲେ । କ୍ଷତି ଭରଣା କରିବା ପାଇଁ ଆବେଦନକାରୀଙ୍କୁ ଏକ ସୁଯୋଗ ଦିଆଯାଇଥିଲା । କିନ୍ତୁ ସେ ଟଙ୍କା ଜମା କରିନଥିଲେ । ଫଳସ୍ୱରୂପ, ତାଙ୍କୁ ଚାକିରିରୁ ଅପସାରଣ କରିବା ପାଇଁ ଏକ ଆଦେଶ ପାରିତ ହୋଇଥିଲା କିନ୍ତୁ ଏହାର କାରଣ ଦର୍ଶାଯାଇ ନଥିଲା । ସେ ଆଞ୍ଚଳିକ ପ୍ରଶାସନିକ ସମିତି ସମ୍ମୁଖରେ ଏକ ଅପିଲ ଦାଖଲ କରିଥିଲେ ଯାହା ଏହାକୁ ଖାରଜ କରିଦେଇଥିଲା ।

ଯେତେବେଳେ ରିଟ୍ ଆବେଦନ ସଂଖ୍ୟା 31643/90 ଦାଖଲ କରିଥିଲେ, ଉଚ୍ଚ ନ୍ୟାୟାଳୟ 17 ଅପ୍ରେଲ, 1996 ତାରିଖରେ ଆକ୍ଷେପିତ ଆଦେଶରେ ରିଟ୍ ଆବେଦନକୁ ଖାରଜ କରିଦେଇଥିଲେ । ତେଣୁ, ଏହି ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ।

ଆବେଦନକାରୀଙ୍କ ଦ୍ୱାରା ଏକ ଯୁକ୍ତି ଉପସ୍ଥାପିତ ହୋଇଛି ଯେ, ତାଙ୍କୁ ପକ୍ଷ ରଖିବାର ଏକ ସୁଯୋଗ ଦିଆଯାଇନାହିଁ ଏବଂ 1991 ମସିହା ବ୍ୟତୀତ, ପୂର୍ବରୁ କୌଣସି ନିର୍ଦ୍ଦେଶ ଦିଆଯାଇ ନଥିଲା ଏବଂ ସେଥିପାଇଁ, ତାଙ୍କୁ ନିଜ ପକ୍ଷ ରଖିବାକୁ ଯୁକ୍ତିଯୁକ୍ତ ସୁଯୋଗରୁ ବଞ୍ଚିତ କରାଯାଇଥିଲା, ଯାହା ପ୍ରାକୃତିକ ନ୍ୟାୟର ନୀତିକୁ ଉଲ୍ଲଙ୍ଘନ କରିଥିଲା । ଆମେ ଯୁକ୍ତିରେ କୌଣସି ଦୃଢତା ପାଉନାହୁଁ । ଯେତେବେଳେ ଆବେଦନକାରୀଙ୍କୁ କ୍ଷତି ଭରଣା କରିବାକୁ ସୁଯୋଗ ଦିଆଯାଇଥିଲା ଏବଂ ସେ ତାହା ଜମା କରିନଥିଲେ, ଏହା ବିଶ୍ୱାସ କରିବା କଷ୍ଟକର ଯେ, ତାଙ୍କ ଅନୁପସ୍ଥିତିରେ ଲକରଟି ଖୋଲାଯାଇଥିଲା ଏବଂ ତାଙ୍କ ଅନୁପସ୍ଥିତିରେ କେହି ଜଣେ ଏହି ରାଶି ନେଇଥିଲେ, ଯେତେବେଳେ ସେ ଚିକିତ୍ସା କାରଣରୁ ଛୁଟିରେ ଥିଲେ । ବର୍ତ୍ତମାନ ଯେଉଁ ସିଦ୍ଧାନ୍ତ ପ୍ରସ୍ତୁତ କରାଯାଇଛି ତାହା ବିଶ୍ୱାସ କରିବା ପାଇଁ ଅତ୍ୟନ୍ତ ଅବାସ୍ତବ ଅଟେ । ସେହି ପରିସ୍ଥିତିରେ, ଆମେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶରେ କୌଣସି ବେଆଇନତା ପାଇ ନାହୁଁ, ଯାହା ହସ୍ତକ୍ଷେପ ଆବଶ୍ୟକ କରେ ।

ସେହି ଅନୁଯାୟୀ ସ୍ୱତନ୍ତ୍ର ଅନୁମତି ଆବେଦନକୁ ଖାରଜ କରାଗଲା ।

ଜି. ଏନ୍. ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :**

**ସଙ୍ଗୀତା ସେନାପତି, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।**